# NATIONAL NEWS BULLETIN (ODIA)

## 6 May - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ସପ୍ତମ ତଥା ଶେଷ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଆଜି ପ୍ରକାଶ ପାଇବ ବିଜ୍ଞପ୍ତି ।

– ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ।

- ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୪ଟି ଲୋକସଭା ଆସନ ଲାଗି ଆସନ୍ତାକାଲି ହେବ ଭୋଟ୍ ଗ୍ରହଣ ।
- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଓଡ଼ିଶାରେ ନିର୍ବାଚନୀ ପ୍ରଚାର ଆରମ୍ଭ କରି ଗଞ୍ଜାମ ଜିଲ୍ଲାର କାନିଶି ଠାରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେବେ ।
- ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ଆଜି ରାତି ସାଢ଼େ ୯ଟାରେ ସିଧା ପ୍ରସାରଣ କରାଯିବ ।

ଏବଂ

- ଆଇପିଏଲ୍‌ରେ ଗତକାଲି ଦ୍ୱିତୀୟ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌କୁ ୯୮ରନ୍‌ରେ ପରାସ୍ତ କରିଥିବା ବେଳେ ଆଜି ମୁମ୍ବାଇଠାରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ ।

## ସେଭେନ୍-ଫିଫ୍‌ଥ ଫେଜ୍

ସପ୍ତମ ତଥା ଶେଷ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଆଜି ବିଜ୍ଞପ୍ତି ପ୍ରକାଶ ପାଇବ । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ଲାଗି ମତଦାନ ହେବ । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ ଲାଗି, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଚଣ୍ଡିଗଡ଼ର ଗୋଟିଏ ଆସନ ଲାଗି ଆସନ୍ତା ଜୁନ୍ ୧ ତାରିଖ ଦିନ ଭୋଟ୍ ଗ୍ରହଣ କରାଯିବ । ଏହି ପର୍ଯ୍ୟାୟ ନିର୍ବାଚନ ଲାଗି ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରାଯାଇପାରିବ ।

ଅନ୍ୟ ପକ୍ଷରେ ଦେଶରେ ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ । ଏହି ପର୍ଯ୍ୟାୟରେ ଆସନ୍ତା ୨୦ ତାରିଖରେ ୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୪୯ଟି ଲୋକସଭା ଆସନ ପାଇଁ ମତଦାନ ହେବ । ସେଗୁଡ଼ିକ ହେଲା ଓଡ଼ିଶା,

ବିହାର, ଝାଡ଼ଖଣ୍ଡ, ମହରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଜାମ୍ମୁ-କାଶ୍ମୀର ଓ ଲଦାଖ । ଏଥିଲାଗି ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଏହିସବୁ ଅଞ୍ଚଳ ଗସ୍ତ କରି ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଜାରି ରଖିଛନ୍ତି ।

## ଥାର୍ଡଫେଜ୍ ଇଲେକ୍ସନ୍

ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଆସନ୍ତାକାଲି ଭୋଟ୍ ଗ୍ରହଣ କରାଯିବ । ଏଥିଲାଗି ଗତକାଲି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୪ଟି ଲୋକସଭା ଆସନ ପାଇଁ ମତଦାନ ହେବ । ଗୁଜରାଟର ସମସ୍ତ ୨୬ଟି ଯାକ ଆସନରେ ଏହି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ । ତୃତୀୟ ପର୍ଯ୍ୟାୟରେ ମତଦାତାମାନେ ମୋଟ୍ ୧ହଜାର ୩୫୨ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେମାନଙ୍କ ମଧ୍ୟରେ କେନ୍ଦ୍ର ମନ୍ତ୍ରୀ ଅମିତ ଶାହା, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଶିବରାଜ ସିଂହ ଚୌହାନ, ସୁପ୍ରିୟା ସୋଲେ, ଡିମ୍ପଲ୍ ଯାଦବଙ୍କ ଭଳି ନେତା ଅନ୍ତର୍ଭୁକ୍ତ ।

# ପିଏମ୍-ଭୁବନେଶ୍ୱର

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଆଜିଠାରୁ ଓଡ଼ିଶାରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିବେ । ଏହି ଅବସରରେ ଶ୍ରୀ ମୋଦୀ ଆଜି ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀର କାନିଶି ଠାରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେବେ । ଆସନ୍ତାକାଲି ସେ ନବରଙ୍ଗପୁରର ଚିକିଲି ଠାରେ ଅନ୍ୟ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

ଏଥିଲାଗି ଶ୍ରୀ ମୋଦୀ ଗତ ରାତିରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜଭବନରେ ରାତ୍ରିଯାପନ କରିଛନ୍ତି । ବିମାନ ବନ୍ଦରଠାରେ ତାଙ୍କୁ ବିଜେପିର ବରିଷ୍ଠ ନେତୃବୃନ୍ଦ, କର୍ମକର୍ତ୍ତା ସ୍ୱାଗତ ଜଣାଇଥିବା ବେଳେ ବିମାନ ବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ହଜାର ହଜାର ଜନତା ଛିଡ଼ା ହୋଇ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଭୁବନେଶ୍ୱରରେ ହାଇ ଆଲର୍ଟ ଜାରି କରାଯାଇଛି । ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ବ୍ୟାପକ ପୁଲିସ୍ ଫୋର୍ସ ମଧ୍ୟ ସେଠାରେ ମୁତନୟ ହୋଇଛନ୍ତି । ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୧୦ ତାରିଖ ଦିନ ମଧ୍ୟ ପ୍ରଧାନମନ୍ତ୍ରୀ ପୁନର୍ବାର ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ଅବସରରେ ସେ ବଲାଙ୍ଗିରଠାରେ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ

ସପକ୍ଷରେ ପ୍ରଚାର କରିବେ । ଦେଶର ଚତୁର୍ଥ ପର୍ଯ୍ୟାୟ ତଥା ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୩ ତାରିଖ ଦିନ ଅନୁଷ୍ଠିତ ହେବ ।

## ଅମିତ ଶାହା-ତେଲଙ୍ଗାନା

ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଚଳିତ ସାଧାରଣ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ବିଜୟୀ କରାଇବା ଦ୍ୱାରା ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ଲାଗି ପ୍ରଧାନମନ୍ତ୍ରୀ କରାଯିବା ସହ ଭାରତର ଅର୍ଥନୀତିକୁ ବିଶ୍ୱରେ ତୃତୀୟ ବୃହତ ଅର୍ଥ ବ୍ୟବସ୍ଥା ରୂପେ ପରିଣତ କରାଯାଇ ପାରିବ । ଗତକାଲି ତେଲଙ୍ଗାନାର ନିଜାମାବାଦ ସ୍ଥିତ ଏକ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ମୋଦୀ ସରକାର ପୁନର୍ବାର କ୍ଷମତାକୁ ଆସିବାର ଅର୍ଥ ହେଉଛି, ଦେଶରେ ଆତଙ୍କବାଦୀ ଏବଂ ନକ୍ସଲବାଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ହୋଇପାରିବ । ଏହାଛଡ଼ା ରାଜ୍ୟବାସୀଙ୍କ ଦ୍ୱାରା ବହୁ ଦିନରୁ ଦାବି କରାଯାଇ ଆସୁଥିବା ହଳଦୀ ବୋର୍ଡ୍‌ର ମୁଖ୍ୟାଳୟ ଏବଂ ବିଡ଼ି ଶ୍ରମିକଙ୍କ ଲାଗି ଏକ ହସ୍ପିଟାଲ୍ ନିଜାମାବାଦ ଠାରେ ପ୍ରତିଷ୍ଠା କରାଯିବ । ଏଥିସହିତ ସହଯୋଗ ଭିତ୍ତିରେ ସ୍ଥାନୀୟ ଆଖୁ

ଚାଷୀମାନଙ୍କ ପାଇଁ ଏକ ଆଖୁ ମିଲ୍ ମଧ୍ୟ ପ୍ରତିଷ୍ଠା କରାଯିବ ବୋଲି ଶ୍ରୀ ଶାହା ପ୍ରତିଶ୍ରୁତି ଦେଇଛନ୍ତି ।

ପୂର୍ବରୁ କାଗଜନଗର ଠାରେ ଅନୁଷ୍ଠିତ ଅନ୍ୟ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଲୋକଙ୍କ ଲାଗି ଉଦ୍ଦିଷ୍ଟ ସଂରକ୍ଷଣହାରକୁ ବୃଦ୍ଧି କରିବା ସହିତ ଏହାକୁ ସୁରକ୍ଷିତ ରଖିବା ଦିଗରେ ବିଜେପିର ପ୍ରତିଶ୍ରୁତିବଦ୍ଧତାକୁ ଶ୍ରୀ ଶାହା ଦୋହରାଇଛନ୍ତି ।

ଅନ୍ୟପକ୍ଷରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ନିର୍ମଲ ଠାରେ ଅନୁଷ୍ଠିତ ଏକ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ଦେଇ ତାଙ୍କ ସରକାର କ୍ଷମତାକୁ ଆସିଲେ ପ୍ରତ୍ୟେକ ଗରିବ ମହିଳାଙ୍କୁ ଏକ ଲକ୍ଷ ଟଙ୍କା ପ୍ରଦାନ କରିବା ସହିତ ଯୁବବର୍ଗଙ୍କୁ ନିଯୁକ୍ତି ସୁବିଧା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଜେ.ପି. ନଡ୍ଡା

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓଡ଼ିଶାରେ ବିଧାନସଭା ନିର୍ବାଚନ ଲାଗି ବିଜେପିର ନିର୍ବାଚନୀ ଇସ୍ତାହାର ଜାରି କରିଛନ୍ତି । ଏହି ଇସ୍ତାହାରରେ ବିଜେପି ପକ୍ଷରୁ ରାଜ୍ୟବାସୀଙ୍କୁ ୨୧ଟି ପ୍ରତିଶ୍ରୁତି ଦିଆଯାଇଛି । ୨୦୨୪ ନିର୍ବାଚନରେ ବିଜେପି ଯଦି ରାଜ୍ୟରେ କ୍ଷମତାକୁ ଆସେ ତେବେ ସୁଭଦ୍ରା ଯୋଜନା ଆରମ୍ଭ କରିବା ସହିତ ପ୍ରତ୍ୟେକ ମହିଳାଙ୍କୁ ୫୦ହଜାର ଟଙ୍କାର ନଗଦ ଭାଉଚର୍ ପ୍ରଦାନ କରିବେ । ଯାହାକୁ ମହିଳାମାନେ ଦୁଇ ବର୍ଷ ମଧ୍ୟରେ

ଖର୍ଚ୍ଚ କରିପାରିବେ । ସେହିଭଳି ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା ମାଧ୍ୟମରେ ବୟସ୍କ, ଦିବ୍ୟାଙ୍ଗ, ବିଧବା ଓ ନିରାଶ୍ରୟଙ୍କୁ ୩ହଜାର ଟଙ୍କାର ମାସିକ ଭତ୍ତା ପ୍ରଦାନ କରାଯିବ । ୧୦୦ ଦିନ ମଧ୍ୟରେ ସ୍ୱାସ୍ଥ୍ୟବୀମା ଯୋଜନା ଆୟୁଷ୍ମାନ୍ ଭାରତକୁ ମଧ୍ୟ କାର୍ଯ୍ୟକାରୀ କରାଯିବ । ରାଜ୍ୟରେ ବିଜେପି କ୍ଷମତାକୁ ଆସିଲେ ଧାନ କୁଇଣ୍ଟାଲ୍ ପିଛା ୩୧ଶହ ଟଙ୍କା ଧାର୍ଯ୍ୟ କରିବା ସହିତ ଆଗାମୀ ୫ ବର୍ଷ ମଧ୍ୟରେ ଶତପ୍ରତିଶତ କୃଷି ଜମିକୁ ଜଳସେଚିତ କରାଯିବ ବୋଲି ବିଜେପି ନିଜ ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ – ପବ୍ଲିକ୍ ସ୍ପିକ୍

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ ‘ପବ୍ଲିକ୍ ସ୍ପିକ୍’ ଆଜି ରାତି ସାଢ଼େ ୯ଟାରେ ସିଧା ପ୍ରସାରଣ କରାଯିବ । ଆଜିର କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି ‘ସାଇବର ସୁରକ୍ଷା ସଂକ୍ରାନ୍ତ ଡିଜିଟାଲ୍ ସଚେତନତାର ଆବଶ୍ୟକତା’ । ଏହି କାର୍ଯ୍ୟକ୍ରମରେ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ବିଶେଷଜ୍ଞ ଅଖିଳେଶ ଗୌର ଏବଂ ବରିଷ୍ଠ ସୂଚନା ପ୍ରଯୁକ୍ତି ବିଶେଷଜ୍ଞ ଡକ୍ଟର ଗୁଲ୍‌ଶନ ରାୟ ବିଶେଷଜ୍ଞ ଭାବେ ଯୋଗଦେଇ ଶ୍ରୋତାମାନଙ୍କ ଏ ସଂପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଶ୍ରୋତାମାନେ ଆଜି ରାତି ସାଢ଼େ ୯ଟାରୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରରେ କଲ୍ କରି ସେମାନଙ୍କ ପ୍ରଶ୍ନ ପଚାରିପାରିବେ । ଏହାଛଡ଼ା ଆମର ହ୍ୱାଟ୍‌ସଅପ୍ ନମ୍ବର ୯୨୮୯୦୯୪୦୪୪କୁ ମେସେଜ୍ କରି ମଧ୍ୟ ପ୍ରଶ୍ନ ପଚରା

ଯାଇପାରିବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍ଡ୍ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସିଗୁଡ଼ିକରେ ଶୁଣାଯାଇପାରିବ । ଏହାଛଡ଼ା ଆମର ଓ୍ୱେବ୍‌ସାଇଟ୍, NEWS ON AIR DOT GOV DOT IN ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ NEWS ON AIR OFFICIALରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

## ଆଇପିଏଲ୍

ଆଇପିଏଲ୍‌ରେ ଗତକାଲି ଲକ୍ଷ୍ନୌର ଏକନା ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌କୁ ୯୮ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍ ରାଇଡର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ୍ ହରାଇ ୨୩୫ରନ୍ କରିଥିଲା । ଦଳ ପକ୍ଷରୁ ସୁନୀଲ ନାରିନ୍ ମାତ୍ର ୩୯ଟି ବଲ୍‌ରୁ ୮୧ରନ୍ ସଂଗ୍ରହ କରିଥିଲେ । ସେହିଭଳି ଲକ୍ଷ୍ନୌ ପକ୍ଷରୁ ନବୀନ୍ ଉଲ୍ ହକ୍ ୩ଟି ଓ୍ୱିକେଟ୍ ଅକ୍ତିଆର କରିଛନ୍ତି । ୨୩୬ରନ୍ ବିଜୟଲକ୍ଷ୍ୟର ପିଛା କରି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ୧୬ ଓଭର ଓ ଗୋଟିଏ ବଲ୍‌ରେ ମାତ୍ର ୧୩୭ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲେ । ଦଳ ପକ୍ଷରୁ କେ.ଏଲ୍. ରାହୁଲ ଓ ମାର୍କସ୍ ଷ୍ଟୋଇନିସ୍ ଏକ ଗୁରୁତ୍ୱପୂର୍ଣ୍ଣ ୫୦ରନ୍‌ର ଭାଗିଦାରୀ ଯୋଡ଼ିଥିଲେ । କୋଲକାତା

ନାଇଟ୍‌ରାଇଡର୍ସ୍ ପକ୍ଷରୁ ହର୍ସିତ୍ ରାଣା ଏବଂ ବରୁଣ ଚକ୍ରବର୍ତ୍ତୀ ୩ଟି ୱିକେଟ୍ ଲେଖାଏଁ ଅକ୍ତିଆର କରିଛନ୍ତି । ଗତକାଲିର ବିଜୟ ପରେ କୋଲକାତା ନାଇଟ୍ ରାଇଡର୍ସ୍ ମୋଟ୍ ୧୬ ପଏଣ୍ଟ ପାଇ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛି ।

ପୂର୍ବରୁ ଗତକାଲି ଧର୍ମଶାଳା ସ୍ଥିତ ହିମାଚଳପ୍ରଦେଶ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ପଞ୍ଜାବ୍ କିଙ୍ଗସ୍‌କୁ ୨୮ରନ୍‌ରେ ପରାସ୍ତ କରିଥିଲା । ପଞ୍ଜାବ କିଙ୍ଗସ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା । ଚେନ୍ନାଇ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୬୭ରନ୍ କରିଥିଲା । ୧୬୮ରନ୍‌ର ବିଜୟଲକ୍ଷ୍ୟର ପିଛା କରି ପଞ୍ଜାବ କିଙ୍ଗସ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୩୯ରନ୍ କରିପାରିଥିଲା । ଚେନ୍ନାଇର ରବୀନ୍ଦ୍ର ଜାଡ଼େଜା ମାତ୍ର ୨୬ଟି ବଲ୍‌ରୁ ୪୩ରନ୍ କରିବା ସହିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ଅକ୍ତିଆର କରି ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଛନ୍ତି । ଏହି ବିଜୟ ସହିତ ଚେନ୍ନାଇ ଦଳ ପଏଣ୍ଟ ତାଲିକାର ତୃତୀୟ ସ୍ଥାନକୁ ଉନ୍ନିତ ହୋଇଥିବା ବେଳେ ପଞ୍ଜାବ କିଙ୍ଗସ୍ ଅଷ୍ଟମ ସ୍ଥାନରେ ରହିଛି ।

ଆଜି ଆଇପିଏଲ୍‌ରେ ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମ୍ ଠାରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ସାତଟିରେ ଆରମ୍ଭ ହେବ ।

# ଆଇଏମ୍‌ଡି

ଭାରତୀୟ ପାଣିପଗା ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆଜି ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନ, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଏଥିସହିତ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ମଧ୍ୟ ଆଗାମୀ ୯ ତାରିଖ ପର୍ଯ୍ୟନ୍ତ ଏଭଳି ଅବସ୍ଥା ଦେଖାଦେବ । ଅନ୍ୟ ପକ୍ଷରେ ଉତ୍ତର-ପୂର୍ବ ଭାରତରେ ଆସନ୍ତାକାଲି ପର୍ଯ୍ୟନ୍ତ ଘଡ଼ଘଡ଼ି ଓ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହିତ ଆଗାମୀ ୬ ଦିନ ପର୍ଯ୍ୟନ୍ତ ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ୍ ଓ ତ୍ରିପୁରାରେ ଘଡ଼ଘଡ଼ି ବିଜୁଳି ଓ ବର୍ଷା ସହ ମଧ୍ୟମ ଧରଣର ବର୍ଷା ହୋଇପାରେ । ସେହିଭଳି ଆଗାମୀ ୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା, ଝାଡ଼ଖଣ୍ଡ, ସିକ୍କିମ୍, ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଅନୁରୂପ ପାଗ ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି । ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ଏବଂ କେନ୍ଦ୍ରୀୟ ଭାରତର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୨ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ତେବେ ଦେଶର ଅନ୍ୟ ଭାଗରେ ତାପମାତ୍ରାରେ ସେଭଳି ଉଲ୍ଲେଖନୀୟ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।